# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 October – 2026

************************************

## ମୁଖ୍ୟ ସମ୍ବାଦ

- ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜୟୀ ଭାରତୀୟ ମହିଳା ଓ ପୁରୁଷ ହକି ଦଳକୁ ଆଜି ସନ୍ଧ୍ୟାରେ ଭୁବନେଶ୍ୱରଠାରେ ସମ୍ବର୍ଦ୍ଧିତ କରିବେ ମୁଖ୍ୟମନ୍ତ୍ରୀ

- ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରସଂସଦର ନିର୍ବାଚିତ ବିଜୟୀ ପ୍ରାର୍ଥୀଙ୍କ ଶପଥ ଗ୍ରହଣ

- ନବରାତ୍ରିର ଷଷ୍ଠ ଦିନରେ ବିଭିନ୍ନ ଶକ୍ତିପୀଠରେ ଚାଲିଛି ମା’ କାତ୍ୟାୟିନୀଙ୍କ ପୂଜାର୍ଚ୍ଚନା ।

ଏବଂ

- ‘ଆଜିର ନବସୃଜନ ଆସନ୍ତାକାଲିର ପୋଷଣ’ ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଖାଦ୍ୟ ଦିବସ ।

## ହକି-ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜି ଏସୀୟ କ୍ରୀଡ଼ା-୨୦୨୬ରେ ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ମହିଳା ଓ ପୁରୁଷ ହକି ଦଳ ପାଇଁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଉଭୟ ଦଳ ସ୍ୱର୍ଣ୍ଣପଦକ ଜିତିବା ସହ ୨୦୨୮ ଲସ୍ ଆଞ୍ଜେଲ୍ସ ଅଲମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଖେଳାଳିଙ୍କ ପ୍ରଦର୍ଶନ ସମ୍ପର୍କରେ ଭାରତୀୟ ହକି ଦଳର ସଭାପତି ଦିଲ୍ଲିପ ତିର୍କୀ କହିଛନ୍ତି ..

**- V/O –**

## ଛାତ୍ରସଂସଦ ନିର୍ବାଚନ

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆଜି ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ପ୍ରାର୍ଥୀମାନେ ଶପଥ ଗ୍ରହଣ କରିଛନ୍ତି। ଗତକାଲି ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବା ସହ ଫଳାଫଳ ପ୍ରକାଶ ପାଇଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜୟୀ ସମସ୍ତ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ରଛାତ୍ରୀଙ୍କ ଆଶା ଆକାଂକ୍ଷା ଓ ସ୍ୱରକୁ ସମ୍ମାନ ଦେଇ ନିଷ୍ଠା ଓ ସଚ୍ଚୋଟତାର ସହିତ ଦାୟିତ୍ୱ ତୁଲାଇବା ଓ କ୍ୟାମ୍ପସରେ ଶୃଙ୍ଖଳା, ଶୈକ୍ଷିକ ବାତାବରଣ, ଏକତା ଓ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ବିକଶିତ ଓଡ଼ିଶା ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କୁ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି। ରାଜ୍ୟର ୩୨୮ଟି ମହାବିଦ୍ୟାଳୟ ଏବଂ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ପାଇଁ ୬ ହଜାରୁ ଅଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

## ରାଜ୍ୟପାଳ

ଭୁବନେଶ୍ୱର ବିମାନବନ୍ଦରଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ଶ୍ରୀ କମ୍ଭମପାଟି ୨୦୨୫ ମସିହା ଜାନୁଆରୀ ମାସ ୩ ତାରିଖରେ ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ବ୍ରଜମୋହନ ରାମ ଆସନ୍ତା ରବିବାର ଦିନ ଶପଥ ଗ୍ରହଣ କରିବେ।

## ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳା

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ - ଓସ୍ଡମା ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଚାଲିଥିବା ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳାର ଆଜି ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ

ଯୋଗଦେବେ। ଅଧିବେଶନରେ ସାମ୍ପ୍ରତିକ ପରିସ୍ଥିତିରେ ବଜ୍ରପାତର ପ୍ରଭାବ ଓ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ବୈଜ୍ଞାନିକ, ଗବେଷକ, ବିଶେଷଜ୍ଞ ଓ ପ୍ରଶାସନିକ ଅଧିକାରୀମାନେ ବିଚାରବିମର୍ଶ ତଥା ମାନସମନ୍ୱୟ କରୁଛନ୍ତି। ଗତକାଲି ଉଦ୍‌ଘାଟନୀ ଅଧିବେଶନରେ ଉପଗ୍ରହ ତଥ୍ୟର ସମନ୍ୱୟ, ସଂଖ୍ୟାତ୍ମକ ପାଣିପାଗ ପୂର୍ବାନୁମାନ, କୃତ୍ରିମ ବୁଦ୍ଧିମତା ଓ ମେସିନ୍ ଲର୍ଣ୍ଣିଙ୍ଗର ନୂତନ ପ୍ରୟୋଗ ଓ ବଜ୍ରପାତ ଚିହ୍ନଟ, ନିରୀକ୍ଷଣ ଓ ପୂର୍ବାନୁମାନ ବ୍ୟବସ୍ଥାର ଉନ୍ନତି ଉପରେ ଆଲୋଚନା କରାଯାଇଥିଲା।

## ନବରାତ୍ରୀ ପୂଜାର୍ଚ୍ଚନା

ନବରାତ୍ରିର ଷଷ୍ଠ ଦିବସରେ ଆଜି ବିଭିନ୍ନ ଶକ୍ତିପୀଠରେ ରୀତିନୀତି ସହ ପୂଜାର୍ଚ୍ଚନା ସାଙ୍ଗକୁ ମାଆଙ୍କୁ କାତ୍ୟାୟନୀ ବେଶରେ ପୂଜା କରାଯାଉଛି। ଦେବୀ ସିଂହବାହନରେ ବିରାଜମାନ କରିଥାନ୍ତି। ମାଆଙ୍କ ହାତରେ ଦିବ୍ୟ ଅସ୍ତ୍ରଶସ୍ତ୍ର ଶୋଭା ପାଇଥାଏ।

ପୌରାଣିକ ମତ ଅନୁସାରେ ମହିଷାସୁର ନାମକ ଅସୁରର ଅତ୍ୟାଚାରରେ ଦେବତାମାନେ ଅତିଷ୍ଠ ହୋଇପଡ଼ିଥିଲେ। ତା'ର ବିନାଶ ପାଇଁ ଦେବତାମାନଙ୍କ ତେଜରୁ ଆଦିଶକ୍ତି ଦୁର୍ଗାଙ୍କ ଆବିର୍ଭାବ ହୋଇଥିଲା। ମହର୍ଷି କାତ୍ୟାୟନଙ୍କ ଆଶ୍ରମରେ ଦେବୀଙ୍କ ପୂଜା ହୋଇଥିବାରୁ ମା'ଙ୍କୁ କାତ୍ୟାୟିନୀ କୁହାଯାଏ। ମା' ମହିଷାସୁର ସହ ଯୁଦ୍ଧକରି ତା'ର ବିନାଶ କରିବା ସହ ଦେବତାମାନଙ୍କୁ ଅସୁରର ଅତ୍ୟାଚାରରୁ ମୁକ୍ତ କରିଥିଲେ। ଭକ୍ତିର ଏହି ପବିତ୍ର ମୁହୂର୍ତ୍ତରେ ମା' ସମସ୍ତଙ୍କ ଜୀବନରୁ ଦୁଃଖ ଓ ଭୟ ଦୂର କରିବା ସହ ସାହସ ଓ ଶକ୍ତି ପ୍ରଦାନ କରନ୍ତୁ।

ଭଦ୍ରକ ଜିଲ୍ଲା ଆରଡିର ବାବା ଆଖଣ୍ଡଳମଣୀଙ୍କ ପୀଠରେ  ଆଜି ବାବାଙ୍କୁ ଯୋଗୀ ଦିଗମ୍ବର ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇଥିବା ବେଳେ ଦେବୀ ଜୟଦୁର୍ଗାଙ୍କର ମହାସରସ୍ୱତୀ ବେଶ ଅନୁଷ୍ଠିତ ହୋଇଛି ।

## ବିଶ୍ୱ ଖାଦ୍ୟ ଦିବସ

ସମସ୍ତଙ୍କ ପାଇଁ ଖାଦ୍ୟ ନିରାପତ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ଆଜି ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଉଛି । କ୍ଷୁଧା ନିବାରଣକୁ ଦୃଷ୍ଟିରେ ରଖି ସରକାରୀ ସ୍ତରରେ ନିଆଯାଉଥିବା ଅନେକ ପଦକ୍ଷେପ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏହି ଦିବସ ପାଳନର ଉଦ୍ଦେଶ୍ୟ । ଚଳିତବର୍ଷର ବାର୍ତ୍ତା ରହିଛି **‘ଆଜିର ନବସୃଜନ ଆସନ୍ତାକାଲିର ପୋଷଣ’** । କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ଖାଦ୍ୟସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଇଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାରେ ଯୋଗ୍ୟ କୃଷକ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ସେହିପରି ରାଜ୍ୟରେ ‘କାଳିଆ’ ଯୋଜନା ମାଧ୍ୟମରେ କୃଷିଭିତ୍ତିକ ପରିବାରକୁ ସହାୟତା ରାଶି ମିଳୁଛି । ଦେଶରେ କୃଷିକ୍ଷେତ୍ରରେ ଆତ୍ମନିର୍ଭରତା ଏବଂ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧିନରେ ୮୧ କୋଟିରୁ ଅଧିକ ନାଗରିକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦିଆଯାଇ ଖାଦ୍ୟସୁରକ୍ଷାକୁ ସୁଦୃଢ଼ କରାଯାଉଛି । ଖାଦ୍ୟ ଅପଚୟ ରୋକିବା ଦିଗରେ ସାମୂହିକ ଉଦ୍ୟମ ଏବଂ ଏକ ସୁସ୍ଥ ସମୃଦ୍ଧ ଓଡ଼ିଶା ଗଠନରେ ନାଗରିକଙ୍କୁ ସକ୍ରିୟ ଯୋଗଦାନ

ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ପୁଷ୍ଟିକର ଖାଦ୍ୟ ଉପଲବ୍ଧ କରାଇବା ଏବଂ ରାଜ୍ୟରୁ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମାଝୀ କହିଛନ୍ତି ।

## ସେବା ସଂକଳ୍ପ ଅଭିଯାନ

ନବରଙ୍ଗପୁର ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ସେବା ସଂକଳ୍ପ ଅଭିଯାନ ଅଧିନରେ ରଙ୍ଗୋଲୀ ରାଷ୍ଟ୍ର ସେବା ସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଂସଦ ବଳଭଦ୍ର ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ସଫଳ ରୂପାୟନ ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଶ୍ରମ ବିଭାଗ ପକ୍ଷରୁ ଶ୍ରମକାର୍ଡ ବଣ୍ଟନ କରାଯାଇଛି ।

## ଆଇନ ସଚେତନତା ଶିବିର

ବୌଦ୍ଧ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜହ୍ନାପଙ୍କ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଏକ ବହୁମୁଖୀ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଇନ ସହାୟତା ଯୋଜନା, ଜନସେବା ଅଦାଲତ, ରାଷ୍ଟ୍ରୀୟ ଏକତା ଏବଂ ଛାତ୍ର ଆଇନ ସାକ୍ଷରତା ସମ୍ପର୍କରେ

ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କହିଛନ୍ତି। ଏହି ସଚେତନତା ସଭାରେ ବିପର୍ଯ୍ୟୟ ପ୍ରପୀଡ଼ିତ ବ୍ୟକ୍ତିବିଶେଷଙ୍କୁ ଆଇନ ସହାୟତା, ରିଲିଫ ଓ କ୍ଷତିପୂରଣ ଯୋଗାଇବା ସମ୍ପର୍କରେ ଆଲୋଚନା ହୋଇଥିଲା।

## କାର୍ଡ ବଣ୍ଟନ

ଭଦ୍ରକ ଶହୀଦ ସ୍ମୃତି ଭବନ ଟାଉନ ହଲ୍‌ଠାରେ ବିକଶିତ ଭାରତ ସଂକଳ୍ପ ଅଭିଯାନରେ ଜନସେବାରୁ ରାଷ୍ଟ୍ରସେବା କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଆଗାମୀ ୨୦୪୭ ବିକଶିତ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପ ନେବାକୁ ପରାମର୍ଶ ଦେଇଛନ୍ତି।

## ସ୍ୱଚ୍ଛତା ପକ୍ଷ ପାଳନ

ସ୍ୱଚ୍ଛତା ପକ୍ଷ ପାଳନର ଅଂଶସ୍ୱରୂପ ପୂର୍ବତଟ ରେଳପଥ ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ ଘନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା ଅଭିଯାନ ଆୟୋଜିତ ହୋଇଛି। ସ୍ୱଚ୍ଛତାର ପ୍ରସାର, ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି

କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ସଫେଇ କର୍ମଚାରୀଙ୍କୁ ସଚେତନ କରାଯିବା ସହ ଘନ ବର୍ଜ୍ୟବସ୍ତୁକୁ ଚାରୋଟି ବର୍ଗରେ ପୃଥକୀକରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ରେଳ ମଣ୍ଡଳର ବିଭିନ୍ନ ସ୍ଥାନରେ ଜନସମ୍ବାଦ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି।

## ନିଶାମୁକ୍ତ ଭାରତ

ବରଗଡ଼ରେ ନିଶାମୁକ୍ତ ଭାରତ ଗଠନ ଉଦ୍ଦେଶ୍ୟରେ ଏକ ସଚେତନତା ର୍ୟାଲି ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଛକଠାରୁ ଆରମ୍ଭ ହୋଇଥିବା ଏହି ର୍ୟାଲିରେ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଉତ୍ତରାଞ୍ଚଳ ଡି.ଆଇ.ଜି. ଚରନ ସିଂ ମୀନା ଏବଂ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ଶତପଥୀଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗଦେଇ ଏକ ସୁସ୍ଥ ସମାଜ ପାଇଁ ନିଶାମୁକ୍ତ ଭାରତ ଗଠନ ଦିଗରେ ଆଗେଇଯିବାକୁ ଯୁବପୀଢ଼ୀଙ୍କୁ ଆହ୍ୱାନ ଦେଇଛନ୍ତି। ନିଶା କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ସାମୟିକ ପ୍ରୟାସ ଆବଶ୍ୟକ ବୋଲି ଡି.ଆଇ.ଜି. ଶ୍ରୀ ମୀନା କହିଛନ୍ତି।

## ମହକ ଓ ଉତ୍ସାହ

ବୌଦ୍ଧଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ **‘ମହକ ଓ ଉତ୍ସାହ’** ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ କାର୍ଯ୍ୟକ୍ରମରେ

ଯୋଗଦେଇ ଶିଶୁମାନେ ଅନୁଶାସନ ଓ ପରମ୍ପରାକୁ ଅନୁସରଣ କରିବା ସହ ସମୟାନୁବର୍ତ୍ତୀ ହେବାପାଇଁ ପରାମର୍ଶ ଦେଇଛନ୍ତି।

# ଫୁଟବଲ୍ ପ୍ରତିଯୋଗିତା

ସୁବର୍ଣ୍ଣପୁରରେ ଚାଲିଥିବା ପ୍ରଥମ ଓଡ଼ିଶା ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ବିଦ୍ୟାଳୟ ସମୂହ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲରେ ସୁନ୍ଦରଗଡ଼ ଦଳ ଚମ୍ପିଆନ ହୋଇଛି। ଗାନ୍ଧୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଫାଇନାଲରେ ସୁନ୍ଦରଗଡ଼ ଓ ସମ୍ବଲପୁର ଦଳ ୧-୧ ଗୋଲରେ ଅପରାଜିତ ରହିବା ପରେ ଟ୍ରାଇବ୍ରେକର ଜରିଆରେ ୧-୦ ଗୋଲରେ ସୁନ୍ଦରଗଡ଼ ଦଳ ଚମ୍ପିଆନ ହୋଇଛି। ଉଦ୍‌ଯାପନୀ ସମାରୋହରେ ଜିଲ୍ଲାପାଳ ଦେବାଶିଷ ସିଂ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଉଭୟ ଚମ୍ପିଆନ ଓ ରନର୍ସ ଦଳକୁ ଟ୍ରଫି ସହ ପୁରସ୍କୃତ କରିଛନ୍ତି।

# ପାଣିପାଗ

ଚଳିତମାସ ଶେଷ ସପ୍ତାହ ବେଳକୁ ବଙ୍ଗୋପସାଗରରେ ଏବଂ ଆରବସାଗରରେ ପୃଥକ ଭାବେ ୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଅପରପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଦେଶରୁ ସଂପୂର୍ଣ୍ଣ ଭାବେ ପ୍ରତ୍ୟାବର୍ତ୍ତନ କରିଛି। ଏହାର ପ୍ରଭାବରେ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇଯାଇଛି। ଆସନ୍ତା ୨୪ ଘଣ୍ଟା

ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।